# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 24 March - 2026

****************************************

## ମୁଖ୍ୟ ସମ୍ବାଦ

- ବିଧାନସଭାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟବୀମାର ଖର୍ଚ୍ଚଦାବି ଉପରେ ଜାରି ରହିଛି ଆଲୋଚନା
- ଜଳଜୀବନ ମିଶନ ୨.୦ର କାର୍ଯ୍ୟକାରିତାକୁ ନେଇ କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ
- ରାଜ୍ୟରେ ୨୦୨୬-୨୭ ଆର୍ଥିକବର୍ଷ ପାଇଁ ବିଜୁଳି ଦରକୁ ଅପରିବର୍ତ୍ତିତ ରଖିଲେ ବିଦ୍ୟୁତ ନିୟାମକ ଆୟୋଗ
- କନ୍ଧମାଳ ଜିଲ୍ଲା ପୁଲିସ୍ ନିକଟରେ ଶୁକ୍ରୁ ସମେତ ୫ ଜଣ ମାଓବାଦୀଙ୍କ ଆତ୍ମସମର୍ପଣ

ଏବଂ

- ଭୁବନେଶ୍ୱରଠାରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୨୦୮ କୋଟି ୩୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁଧ ଫେରସ୍ତ କଲେ ସରକାର

# ବିଧାନସଭା

ସପ୍ତଦଶ ବିଧାନସଭା ବଜେଟ୍ ଅଧିବେଶନର ଦ୍ୱିତୀୟାର୍ଦ୍ଧରେ ବିରୋଧୀ ସଦସ୍ୟମାନେ କଟକ ବଡ ମେଡିକାଲ ପ୍ରସଙ୍ଗରେ ଗୃହରେ ହଟ୍ଟଗୋଳ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା ମଧ୍ୟରେ ଓଡ଼ିଶା ଜିଲ୍ଲା ଖଣିଜ ପ୍ରତିଷ୍ଠାନ ନିୟମାବଳୀ ୨୦୧୫ର ନିୟମ ଅନୁଯାୟୀ ୨୩ ଟି ଜିଲ୍ଲାର ଖଣିଜ ପ୍ରତିଷ୍ଠାନ ଟ୍ରଷ୍ଟର ୨୦୨୪-୨୫ ଆର୍ଥିକବର୍ଷର ବାର୍ଷିକ ବିବରଣୀ ଓ ଅଡିଟ୍ ରିପୋର୍ଟ ଉପସ୍ଥାପନ କରିଥିଲେ।

ସେହିଭଳି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଷଷ୍ଠ ରାଜ୍ୟ ଅର୍ଥ କମିଶନର ସୁପାରିଶ ଉପରେ ପଂଚାୟତିରାଜ ସଂସ୍ଥା ଓ ପୌରସଂସ୍ଥାମାନଙ୍କୁ ପାଣ୍ଠି ହସ୍ତାନ୍ତର ସଂକ୍ରାନ୍ତରେ ଗୃହରେ ଉପସ୍ଥାପିତ କାର୍ଯ୍ୟାନୁଷ୍ଠାନ ରିପୋର୍ଟରେ ଦର୍ଶାଯାଇଥିବା ପଂଚାୟତିରାଜ ଓ ପୌରସଂସ୍ଥା ପାଇଁ ୨୦୨୬-୨୭ ବଜେଟ୍‌ର ସ୍ୱତନ୍ତ୍ର ଅନୁପୂରକ ଉପସ୍ଥାପନ କରିଥିଲେ। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନିୟମ ୧୯୬୫ର ଧାରା ୩୫ ଅନୁଯାୟୀ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୨୦୨୩-୨୪ ଓ ୨୦୨୪-୨୫ ମସିହାର ବାର୍ଷିକ ରିପୋର୍ଟ ଗୃହରେ ଉପସ୍ଥାପନ କରିଥିଲେ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ୨୦୨୬-୨୭ ଆର୍ଥିକବର୍ଷ ପାଇଁ ୨୨ ଶହ ୭୧ କୋଟି ୩୩ ଲକ୍ଷ ୪୮ ହଜାର ଟଙ୍କାର ଖର୍ଚ୍ଚଦାବି ଗୃହରେ ଉପସ୍ଥାପନ କରିଥିଲେ। ସେହିଭଳି ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ୩୮୫ କୋଟି ୨ ଲକ୍ଷ ୮୬ ହଜାର ଟଙ୍କାର

ଖର୍ଚ୍ଚଦାବି ଆଗତ କରିଥିଲେ। ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ଖର୍ଚ୍ଚଦାବି ଉପରେ ଆଲୋଚନା ପାଇଁ ଅନୁମତି ପ୍ରଦାନ କରିଥିବାରୁ ବିରୋଧୀ ସଦସ୍ୟମାନେ ପ୍ରତିବାଦ କରି କକ୍ଷ ତ୍ୟାଗ କରିଥିଲେ। ଶାସକ ଦଳର ସଦସ୍ୟମାନେ ଖର୍ଚ୍ଚଦାବି ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି।

## ଜଳଜୀବନ ମିଶନ

ଓଡ଼ିଶାରେ ଜଳଜୀବନ ମିଶନ-୨.୦ର କାର୍ଯ୍ୟକାରିତାକୁ ନେଇ ଆଜି ନୂଆଦିଲ୍ଲୀଠାରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର.ପାଟିଲ୍ ଉପସ୍ଥିତ ଥିଲେ।

ମୁଖ୍ୟମନ୍ତ୍ରୀ ଜଳଜୀବନ ମିଶନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇ କହିଛନ୍ତି, ଦେଶର ୭୭ ଦଶମିକ ୩ ପ୍ରତିଶତ ପରିବାରକୁ ଏହି ଯୋଜନାରେ ଟ୍ୟାପ୍ ଯୋଗେ ପାଣି ମିଳିପାରିଛି। ମିଶନର ସମ୍ପ୍ରସାରଣକୁ ୨୦୨୮ ପର୍ଯ୍ୟନ୍ତ କ୍ୟାବିନେଟ୍ ଅନୁମୋଦନ ପ୍ରଦାନ କରିଛନ୍ତି। ଜଳଜୀବନ ମିଶନ ୨.୦ ଅନୁଯାୟୀ ରାଜ୍ୟ ସରକାର ଏକ ସ୍ୱଷ୍ଟ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିଛନ୍ତି। ଜନସାଧାରଣଙ୍କ ଭାଗିଦାରୀ, ଆର୍ଥିକ ସ୍ଥିରତା, ସଠିକ୍ ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଦିଆଯାଉଛି। ସୁଜଳମ୍ ଭାରତ ପ୍ଲାଟ୍‌ଫର୍ମ ମାଧ୍ୟମରେ ପ୍ରାୟ ୫ ହଜାର ଗ୍ରାମୀଣ ପାଇପ୍ ଜଳ ଯୋଜନାର ଆଇଡି ପ୍ରସ୍ତୁତ କରାଯାଇଛି। ଓଡ଼ିଶାରେ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଦୈନିକ ୭୦ ଲିଟର ପାନୀୟ ଜଳ ବ୍ୟବସ୍ଥା କରାଯାଇଛି।

ଏହି ମିଶନରେ ରାଜ୍ୟ ସରକାର ପ୍ରାୟ ୪୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ମିଶନ ମହିଳାମାନଙ୍କ ଜୀବନରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିଛି। ଜଳଶକ୍ତି ଅଭିଯାନ ଅଧୀନରେ ୪୩ ହଜାରରୁ ଊର୍ଦ୍ଧ୍ୱ ଜଳାଶୟ ପୁନରୁଦ୍ଧାର, ୪୨ ହଜାର ଭୂଗର୍ଭ ଜଳ ପୁନର୍ଭରଣ ଓ ୨ ଲକ୍ଷରୁ ଅଧିକ ୱାଟରସେଡ୍ କାର୍ଯ୍ୟ ସମ୍ପନ୍ନ ହୋଇଛି ବୋଲି ଜଣାପଡିଛି।

## ବିଦ୍ୟୁତ ଦର

ରାଜ୍ୟରେ ୨୦୨୬-୨୭ ଆର୍ଥିକବର୍ଷରେ ବିଦ୍ୟୁତ୍ ଦର ଅପରିବର୍ତ୍ତିତ ରହିବ ବୋଲି ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗର ନିର୍ଦ୍ଦେଶକ ପ୍ରିୟବ୍ରତ ପଟ୍ଟନାୟକ କହିଛନ୍ତି। ଓଇଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଏହି ନିର୍ଦ୍ଦେଶନାମା ଆସନ୍ତାମାସ ପହିଲାରୁ ଲାଗୁ କରାଯିବ। ଆସନ୍ତା ବର୍ଷରୁ ବିଦ୍ୟୁତ ବିତରକ କମ୍ପାନୀ କରୁଥିବା ଖର୍ଚ୍ଚର ସିଏଜି ଅଡିଟ୍ କରାଯିବ। ସେହିଭଳି ୫୦ ପ୍ରତିଶତରୁ ଅଧିକ କ୍ଷତି ସହୁଥିବା ଫିଡର ଗୁଡ଼ିକରେ ସ୍ମାର୍ଟ ମିଟର ଲଗାଇବାକୁ ଆୟୋଗ ପରାମର୍ଶ ଦେଇଛନ୍ତି। ଅନ୍ୟ କେତେକ ନିଷ୍ପତ୍ତି ଅନୁଯାୟୀ, ୧୦ କିଲୋୱାଟ୍‌ରୁ ଅଧିକ ବିଦ୍ୟୁତ୍ ବ୍ୟବହାର କରୁଥିବା ଉପଭୋକ୍ତା ଦିନ ୧୦ଟାରୁ ଅପରାହ୍ଣ ୪ଟା ମଧ୍ୟରେ ଅଧିକ ବିଜୁଳି ବ୍ୟବହାର କଲେ ସେମାନଙ୍କୁ ୧୦ ପ୍ରତିଶତ ରିହାତି ପ୍ରଦାନ କରାଯିବ। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅନ୍‌ଲାଇନ୍ ଜରିଆରେ ବିଲ୍ ପୈଠ କଲେ ଘରୋଇ ଉପଭୋକ୍ତାଙ୍କୁ ଚାରି ପ୍ରତିଶତ ରିହାତି ସହିତ ପ୍ରି-ପେଡ୍ ଉପଭୋକ୍ତାଙ୍କୁ ଚାରି ପ୍ରତିଶତ ଏବଂ ଇ-ବିଲ୍ ଜରିଆରେ ବିଦ୍ୟୁତ୍ ବିଲ୍ ଭରୁଥିବା ଉପଭୋକ୍ତାଙ୍କୁ ବିଲ୍ ପିଛା ୧୦ଟଙ୍କା ରିହାତି ମିଳିବ ବୋଲି ଜଣାପଡିଛି।

## ସ୍ୱାସ୍ଥ୍ୟ ନିଯୁକ୍ତି

ରାଜ୍ୟରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ୫ ହଜାର ୯୭୯ଟି  ନର୍ସିଂ ଅଫିସର ଏବଂ ୨୪୦ଟି ରେଡିଓଗ୍ରାଫର ପଦବୀକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଆଜି ଅନୁମୋଦନ ଦେଇଛନ୍ତି । ନିଯୁକ୍ତି ମାଧ୍ୟମରେ ରାଜ୍ୟର ବିଭିନ୍ନ ସରକାରୀ ଚିକିତ୍ସାଳୟ ଏବଂ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ମାନବ ସମ୍ବଳର ଅଭାବ ହ୍ରାସ ପାଇବା ସହିତ ରୋଗୀମାନଙ୍କୁ ଉନ୍ନତ ଏବଂ ସମୟୋପଯୋଗୀ ସେବା ଯୋଗାଇ ଦିଆଯାଇପାରିବ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି ।

## ଶୁକ୍ରୁ

କନ୍ଧମାଳ ଜିଲ୍ଲା ପୁଲିସ୍ ନିକଟରେ ମାଓବାଦୀ ନେତା ରାଜ୍ୟ କମିଟି ସଦସ୍ୟ ଶୁକ୍ରୁ ଆଜି ଆତ୍ମ ସମର୍ପଣ କରିଥିବା ନକ୍ସଲ ବିରୋଧୀ ଅଭିଯାନ ଏଡିଜି ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି ।  ଶୁକ୍ରୁ ସମେତ ୫ ଜଣ ମାଓବାଦୀ ଆତ୍ମ ସମର୍ପଣ କରିଥିବା ଶ୍ରୀ ପଣ୍ଡା କହିଛନ୍ତି ।

ପୂର୍ବରୁ ଘୋଷଣା ହୋଇଥିବା ୫୫ ଲକ୍ଷର ପୁରସ୍କାର ଅର୍ଥରାଶି  ଶୁକ୍ରୁକୁ ଦିଆଯିବ ବୋଲି ଏଡିଜି ସୂଚନା ଦେଇଛନ୍ତି । ଶୁକ୍ରୁକୁ ଧରିବା ପାଇଁ ଓଡିଶା ପୁଲିସ୍ ପକ୍ଷରୁ ବ୍ୟାପକ ଅପରେସନ୍ ଆରମ୍ଭ କରାଯାଇଥିଲା । ଅନ୍ୟ ମାଓ ନେତାଙ୍କୁ ଧରିବା ପାଇଁ କନ୍ଧମାଳ, ଗଞ୍ଜାମ, ଗଜପତି ସୀମାନ୍ତରେ କମ୍ବିଂ ଅପରେସନ ଜାରି ରହିଛି ।

## ମିଶନଶକ୍ତି

ରାଜ୍ୟ ସରକାରଙ୍କ ସୁଧ ଫେରସ୍ତ କାର୍ଯ୍ୟକ୍ରମ ମହିଳାମାନଙ୍କୁ ଉଦ୍ୟୋଗୀ ହେବା ପାଇଁ ପ୍ରୋତ୍ସାହିତ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି । ଭୁବନେଶ୍ୱର ମିଶନଶକ୍ତି ଭବନଠାରେ ଆଜି ସ୍ୱୟଂ ସହାୟକ

ଗୋଷ୍ଠୀଗୁଡ଼ିକର ସୁଧ ଫେରସ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀମତୀ ପରିଡା କହିଛନ୍ତି, ମହିଳାଙ୍କୁ ସଶକ୍ତ କରିବା ପାଇଁ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ବ୍ୟାଙ୍କମାନଙ୍କୁ ଅଧିକ ପ୍ରୋତ୍ସାହନ ଯୋଗାଇ ଦେବାକୁ ପଡିବ। ଏହି ଅବସରରେ ୨ ଲକ୍ଷ ୭୬ ହଜାରରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୨୦୮ କୋଟି ୩୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁଧ ପ୍ରଦାନ କରାଯାଇଛି।

ଆବର୍ତ୍ତନ ପାଣ୍ଠି, ଗୋଷ୍ଠି ପୁଞ୍ଜି ବିନିଯୋଗ ପାଣ୍ଠି ଏବଂ ସାମାଜିକ ସୁରକ୍ଷା ପାଣ୍ଠି ବାବଦରେ ୩ ହଜାର ୫୧୦ଟି ସ୍ୱୟଂ ସହୟକ ଗୋଷ୍ଠୀକୁ ୬ କୋଟି ୪୩ ଲକ୍ଷ, ୧୮୦ଟି ଗ୍ରାମ ପଂଚାୟତସ୍ତରୀୟ ମହାସଂଘକୁ ୫୭ କୋଟିରୁ ଊର୍ଦ୍ଧ୍ୱ ଏବଂ ୧୦୧ଟି ଆଂଚଳିକ ମହାସଂଘକୁ ୧ କୋଟି ୪୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

## ସୁଭଦ୍ରା

ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ଅର୍ଥରାଶି ପାଇ ନଥିବା ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ବିଭାଗୀୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ଆଧାରିତ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀମତୀ ପରିଡା ପରାମର୍ଶ ଦେଇଛନ୍ତି।

# ଅଗ୍ନି ନିରାପତ୍ତା ବୈଠକ

**ସମ୍ବଲପୁର** ଭୀମସାରରେ ଅଗ୍ନି ନିରାପତ୍ତା ପାଇଁ କୃତ୍ରିମ ବୁଦ୍ଧିମତ୍ତାର ସହାୟତା ନିଆଯିବ। କ୍ୟାମେରାରେ ଏଆଇ ରହିଲେ ନିଆଁକୁ ଆୟତ୍ତ କରିବାରେ ସହାୟକ ହେବ ବୋଲି ଅଗ୍ନିଶମ ଡିଜି ସୁଧାଂଶୁ ଷଡଙ୍ଗୀ କହିଛନ୍ତି। ଭୀମସାରରେ ଅଗ୍ନି ନିରାପତ୍ତା ସମୀକ୍ଷା ବୈଠକରେ ଯୋଗଦେଇ ଶ୍ରୀ ଷଡଙ୍ଗୀ କହିଛନ୍ତି, ଭୀମସାରରେ ମୋଟ୍ ୨୦ଟି କୋଠା ରହିଛି ଏବଂ ଅଗ୍ନି ନିରାପତ୍ତା

କ୍ଷେତ୍ରରେ ସମସ୍ତ ଦିଗକୁ ଧ୍ୟାନ ଦେଇ ନିରାପତ୍ତା ପଦକ୍ଷେପ ନିଆଯିବ। ବୈଠକରେ ଆଇଜି ହିମାଂଶୁ ଲାଲ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମ୍ରୁ ପ୍ରମୁଖ ଉପସ୍ଥିତ ଥିଲେ।

## ଯକ୍ଷ୍ମା-ଜିଲ୍ଲା

**ଗଜପତି** ଜିଲ୍ଲା ଗୋଷାଣୀ ବ୍ଲକ୍ ଅନ୍ତର୍ଗତ ଗୁରାଣ୍ଡି ଗ୍ରାମସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ଯକ୍ଷ୍ମାମୁକ୍ତ ସମାଜ ଗଠନ ଦିଗରେ ସମସ୍ତେ ସହଯୋଗ କରିବା ଦିଗରେ ସଚେତନ କରାଯାଇଛି।

**ଗଞ୍ଜାମ** ଜିଲ୍ଲା ଛତ୍ରପୁର ବ୍ଲକ୍‌ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁନିଷିପେଣ୍ଟଠାରେ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି।

**ବୌଦ୍ଧ** ଟାଉନ୍‌ହଲଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

## ଅଗ୍ନିବୀର

ଭାରତୀୟ ସେନାରେ ଅଗ୍ନିବୀର ନିଯୁକ୍ତି ପାଇଁ **ମାଲକାନଗିରି** ଜିଲ୍ଲାର ଯୁବକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜ୍ ସିର୍କେଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଗ୍ନିବୀର ପଞ୍ଜୀକରଣ ପ୍ରକ୍ରିୟା ଆସନ୍ତା ଏପ୍ରିଲ ପହିଲା ପର୍ଯ୍ୟନ୍ତ ଚାଲିବା ନେଇ ସୂଚନା ଦିଆଯାଇଛି।

## ଖବର ସଂକ୍ଷେପରେ....

## ବୈଶାଖମେଳା

**ବରଗଡ଼** ଜିଲ୍ଲାର ପାଇକମାଳସ୍ଥିତ ପ୍ରସିଦ୍ଧ ଶ୍ରୀଶ୍ରୀ ନୃସିଂହନାଥ ମନ୍ଦିରରେ ଆସନ୍ତା ବୈଶାଖମେଳା ପାଳନକୁ ନେଇ ଏକ ବୈଠକ ମନ୍ଦିର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ବୈଶାଖ ମେଳା ଏପ୍ରିଲ ୨୭ ତାରିଖରୁ ଆରମ୍ଭ ହୋଇ ମଇ ପହିଲା ପର୍ଯ୍ୟନ୍ତ ଆୟୋଜିତ ହେବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି ।

## ସହିଦ୍ ଦିବସ

କେନ୍ଦ୍ର ସରକାରଙ୍କ ଯୁବବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ ଅଧୀନସ୍ଥ 'ମାଇ ଭାରତ' ତରଫରୁ ବୌଦ୍ଧ ଜିଲ୍ଲା ଗୌଡଦେଇସ୍ଥିତ ଶିଳ୍ପ ତାଲିମ୍ କେନ୍ଦ୍ର ପରିସରରେ ସହିଦ୍ ଦିବସ ପାଳିତ ହୋଇଯାଇଛି । ଏଥିରେ ୨୦୦ରୁ ଅଧିକ ଯୁବକଙ୍କୁ ନେଇ ଏକ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ବୌଦ୍ଧ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ଏବଂ ଏପ୍ରିଲ ପହିଲାରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଅଧ୍ୟକ୍ଷତା କରି ସମସ୍ତ ଅଧିକାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ ।

## ପିଏମ୍‌ଶ୍ରୀ

**ନୟାଗଡ଼** ଜିଲ୍ଲା ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ପିଏମ୍‌ଶ୍ରୀ ରାଧାକାନ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ପ୍ରସ୍ତୁତି ସମ୍ପର୍କିତ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ତାଲିମ୍ ସମୟରେ ମୃତ୍ତିକା ନମୁନା ସଂଗ୍ରହ ପ୍ରକ୍ରିୟା ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ ।

## ସାଇବର ଅପରାଧ

**ନୟାଗଡ଼** ଜିଲ୍ଲା ପ୍ରଶାସନ ପକ୍ଷରୁ 'ବେଟି ବଚାଓ-ବେଟି ପଢ଼ାଓ' ଏବଂ ସାଇବର ଅପରାଧ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଖଣ୍ଡପଡା ବ୍ଲକ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଯେକୌଣସି ବ୍ୟକ୍ତି ସାଇବର ଠକେଇର ଶିକାର ହେଲେ ତୁରନ୍ତ ସାଇବର ଥାନା ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି ।

## ପ୍ରଶିକ୍ଷଣ

**ନୟାଗଡ଼** ଜିଲ୍ଲା ସରକାରୀ ଓକିଲମାନଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିର ନୟାଗଡ଼ ପୁଲିସ୍ ଟ୍ରେନିଂ ସ୍କୁଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲ୍ଲାର ସରକାରୀ ଓକିଲମାନେ ଯୋଗଦେଇ ନୂତନ ଆଇନ୍ ଓ କାର୍ଯ୍ୟଧାରା ସମ୍ପର୍କରେ ପ୍ରଶିକ୍ଷଣ ଦେଇଛନ୍ତି ।

## ନାମଲେଖା

ରାଜ୍ୟ ସରକାରଙ୍କ ନିପୂଣ ଓଡ଼ିଶା କାର୍ଯ୍ୟକ୍ରମ ଅଧୀନରେ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀ ନାମଲେଖା ପରିପ୍ରେକ୍ଷୀରେ **ମାଲକାନଗିରି** ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଓ ନିମନ୍ତ୍ରଣପତ୍ର ବଣ୍ଟନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ତମସା ପଂଚାୟତସ୍ଥିତ ଏମ୍ଭି-୭ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଘରକୁ ଘର ବୁଲି ଅଭିଭାବକମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣପତ୍ର ପ୍ରଦାନ ପାଇଁ ପରାମର୍ଶ ଦେଇଥିଲେ ।

## ପ୍ରଦର୍ଶନୀ

**ନୂଆପଡ଼ା** ଜିଲ୍ଲା ସିନାପାଲି ବ୍ଲକ୍ସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଓ ପ୍ରଦର୍ଶନୀ ମେଳା ସ୍ଥାନୀୟ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ

ହୋଇଯାଇଛି । ଶିକ୍ଷାଦାନକୁ ଅଧିକ ଫଳପ୍ରଦ କରିବାରେ ଶିକ୍ଷଣ ସାମଗ୍ରୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।